# NATIONAL NEWS BULLETIN (ODIA)

## 31 August - 2025

### Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ଚୀନ୍‌ର ତିଆନଜିନ୍‌ଠାରେ ଆଜିଠାରୁ ଆରମ୍ଭ ହେଉଥିବା ସାଂଘାଇ ସହଯୋଗ ସଂଗଠନ ରାଷ୍ଟ୍ରମୁଖ୍ୟ ପରିଷଦର ୨୫ତମ ବୈଠକରେ ଯୋଗଦେବେ ପ୍ରଧାନମନ୍ତ୍ରୀ ମୋଦୀ ।
- ଭାରତ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ - କହିଲେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ।
- ଭାରତୀୟ ସେନା ଆଉ ବିଦେଶୀ ଯୋଗାଣ ଉପରେ ନିର୍ଭର କରିବ ନାହିଁ - କହିଛନ୍ତି ପ୍ରତିରକ୍ଷାମନ୍ତ୍ରୀ ।
- ଆଜି ପୂର୍ବାହ୍ନ ୧୧ଟାରେ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ ।

ଏବଂ

- ଷୋଡଶ ଏସୀୟ ସୁଟିଂ ଚମ୍ପିୟନସିପ୍‌ରେ ୫୦ଟି ସ୍ୱର୍ଣ୍ଣପଦକ ହାସଲ କରି ଇତିହାସ ରଚିଲା ଭାରତ ।

# ପିଏମ୍-ଏସୀୟ ସମିତ

ସାଙ୍ଘାଇ ସହଯୋଗ ସଂଗଠନ - ଏସ୍.ସି.ଓର ରାଷ୍ଟ୍ର ମୁଖ୍ୟ ପରିଷଦର ୨୫ତମ ବୈଠକ ଆଜି ଚୀନ୍‌ର ତିଆନ୍‌ଜିନ୍‌ରେ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ତିଆନ୍‌ଜିନ୍‌ରେ ପହଞ୍ଚିଛନ୍ତି । ଦୁଇଦିନିଆ ଏସୀୟ ଶିଖର ସମ୍ମିଳନୀରେ ୨୦ରୁ ଅଧିକ ଦେଶ ଶୀର୍ଷନେତା ଏବଂ ୧୦ଟି ଆନ୍ତର୍ଜାତିକ ସଂଗଠନର ମୁଖ୍ୟ ଯୋଗଦେବେ । ପଞ୍ଚମଥର ପାଇଁ ଚୀନ୍ ଏହି ଶିଖର ସମ୍ମିଳନୀ ଆୟୋଜନ କରୁଥିବାବେଳେ ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗ୍ ଅଧ୍ୟକ୍ଷତା କରିବେ । ଚୀନ୍ ଅଧ୍ୟକ୍ଷତାରେ ୨୦୨୫କୁ ନିରନ୍ତର ବିକାଶର ଏସ୍.ସି.ଓ ବର୍ଷ ଭାବେ ଘୋଷଣା କରାଯାଇଛି ।

ଗତକାଲି ପ୍ରଧାନମନ୍ତ୍ରୀ ଜାପାନ ଗସ୍ତ ଶେଷ କରି ଚୀନ୍‌ର ତିଆନ୍‌ଜିନ୍‌ରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସେଠାରେ ରହୁଥିବା ଭାରତୀୟଙ୍କ ସମେତ ହଜାର ହଜାର ଲୋକ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରସିଦ୍ଧ ଭାରତୀୟ ସଂଗୀତଜ୍ଞଙ୍କ ଦ୍ୱାରା ତାଲିମପ୍ରାପ୍ତ ଚୀନ୍ କଳାକାରମାନେ ବାଦ୍ୟଯନ୍ତ୍ର ପରିବେଷଣ କରିଥିଲେ ।

ଏହି ଏସ୍.ସି.ଓ ଶିଖର ସମ୍ମିଳନୀରେ ଗତ ୨୫ବର୍ଷ ମଧ୍ୟରେ ଏହାର ସଫଳତା ନେଇ ସମୀକ୍ଷା କରାଯିବା ସହ ଆଗାମୀ ୧୦ବର୍ଷ ନିମନ୍ତେ ବିକାଶ ରଣନୀତି ସ୍ଥିର କରାଯିବ । ସମ୍ମିଳନୀରେ ଆଞ୍ଚଳିକ ସୁରକ୍ଷା ସଂଯୋଗୀକରଣ,

ସ୍ଥାୟୀ ବିକାଶ, ଆତଙ୍କବାଦୀ ବିରୋଧୀ ନୀତି ଏବଂ ସାଂସ୍କୃତିକ ସହଯୋଗ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରାଯିବ ।

## ଅମିତ ଶାହା ଗୁଜୁରାଟ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଅହମ୍ମଦାବାଦରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ କରିବେ । ଶ୍ରୀ ଶାହା ଗତକାଲି ଦୁଇଦିନିଆ ଗସ୍ତରେ ଯାଇ ଗୁଜୁରାଟରେ ପହଞ୍ଚିଛନ୍ତି । ଶ୍ରୀ ଶାହା ଆଜି ଅନେକଗୁଡ଼ିଏ ସହରାଞ୍ଚଳ ବନିକରଣ ଅଭିଯାନରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷରେ ସେ ଦୁଇଟି ନୂଆ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ଆର୍‌ବିଆଇ-ଇଣ୍ଡିଆନ ଇକୋନୋମି

ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଭାରତ ଖୁବ୍‌ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ । ଦେଶର ଅଭିବୃଦ୍ଧିରେ ଘଟିଥିବା ବୃଦ୍ଧି ପାଇଁ ସେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ଶ୍ରେୟ ଦେଇଛନ୍ତି । ଇନ୍ଦୋରର ରଙ୍ଗୱାସା ଗ୍ରାମରେ ଏକ ସରକାରୀ ବ୍ୟାଙ୍କର କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ମାଲହୋତ୍ରା କହିଛନ୍ତି କେନ୍ଦ୍ର ସରକାର ଏବ ରିଜର୍ଭ ବ୍ୟାଙ୍କ ୧୧ବର୍ଷ ପୂର୍ବେ ବ୍ୟାଙ୍କମାନଙ୍କ ସହଯୋଗରେ ଜନଧନ ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନା ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଶ୍ରୀ ମାଲହୋତ୍ରା କହିଛନ୍ତି ଦେଶର ଅଭିବୃଦ୍ଧି ଯାତ୍ରାରେ ସମସ୍ତ ବର୍ଗର ଲୋକଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ଏହି ଯୋଜନା ଅଧୀନରେ ୫୫ କୋଟିରୁ ଅଧିକ ବ୍ୟାଙ୍କ ଖାତା ଖୋଲାଯାଇଛି ।

# ରାଜନାଥ - ଇଞ୍ଜିନ ଟେଷ୍ଟ ସେଣ୍ଟର

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ସାମରିକ କ୍ଷେତ୍ରର ଉନ୍ନତି ପାଇଁ ସରକାରୀ ଯୋଜନା ବିଷୟରେ ଘୋଷଣା କରି କହିଛନ୍ତି ଭାରତୀୟ ସେନା ବିଦେଶୀ ଯୋଗାଣ ଉପରେ ନିର୍ଭର ରହିବ ନାହିଁ । ଏକ ଘରୋଇ ବିମାନ ଇଞ୍ଜିନ ପରୀକ୍ଷଣ ସୁବିଧାର ଉଦ୍‌ଘାଟନ ଅବସରରେ ନୋଏଡାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ପ୍ରସ୍ତାବିତ ସୁଦର୍ଶନ ଚକ୍ର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅଧୀନରେ ସରକାର ଆଗାମୀ ୧୦ବର୍ଷ ମଧ୍ୟରେ ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଗୁଡ଼ିକୁ ଆକାଶମାର୍ଗରୁ ସୁରକ୍ଷା ଯୋଗାଇ ଦେବେ । ସେ କହିଛନ୍ତି ସୁରକ୍ଷା ବିପଦର ମୁକାବିଲା କରିବା ପାଇଁ ଏହି ପ୍ରଣାଳୀରେ ଆକ୍ରମଣାତ୍ମକ ଏବଂ ପ୍ରତିରକ୍ଷା ଉପାଦାନ ସାମିଲ ହେବ । ଶ୍ରୀ ସିଂହ କହିଛନ୍ତି ଭାରତ ଏକ ଶକ୍ତିଶାଳୀ ସ୍ୱଦେଶୀ ବିମାନ ଇଞ୍ଜିନ ବିକଶିତ କରିବାକୁ ଯାଉଛି ଏବଂ ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

**V/O (Rajnath Singh)**

# ଡବ୍ଲ୍ୟୁବି-ଇସି

ନିର୍ବାଚନ କମିଶନ ପଶ୍ଚିମବଙ୍ଗର ୧୦୦ଟି ବିଧାନସଭା ଆସନ ଚିହ୍ନଟ କରିଛନ୍ତି, ଯେଉଁଠାରେ ନକଲି ଏବଂ ଅବୈଧ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଏହିକ୍ରମରେ ୨୯୪ଟି ବିଧାନସଭା ଆସନ ଯାଞ୍ଚ କରାଯାଇଥିବା କୁହାଯାଇଛି । ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଭୋଟର ତାଲିକାରେ ନକଲି ନାମ ରହିବା ଏବଂ

ସେଭଳି ନାମଗୁଡ଼ିକୁ ବାଦ୍ ନଦେବା ଭଳି ଅନେକ ସମସ୍ୟା ରହିଛି । ବିଶେଷକରି କୁଚବିହାର, ଜଲପାଇଗୁଡ଼ି, ମାଲଦା, ଉତ୍ତର ଦିନାଜପୁର, ମୁର୍ସିଦାବାଦ, ଉତ୍ତର ୨୪ପ୍ରଗଣା, ଦକ୍ଷିଣ ୨୪ପ୍ରଗଣା ସମେତ ସୀମାନ୍ତ ଜିଲ୍ଲାଗୁଡ଼ିକରେ ମୁଖ୍ୟତଃ ନକଲି ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ନିର୍ବାଚନ କମିଶନ କହିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତର ଏହା ହେବ ୧୨୫ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଜିଡିପି-ରିଆକ୍ସନ୍ସ

ଏପ୍ରିଲରୁ ଜୁନ୍ ତ୍ରୈମାସିକରେ ଭାରତର ଦୃଢ଼ ଅଭିବୃଦ୍ଧିକୁ ଅର୍ଥନୀତି ବିଶେଷଜ୍ଞମାନେ ପ୍ରଶଂସା କରିଛନ୍ତି । ବିଶେଷଜ୍ଞମାନେ କହିଛନ୍ତି ଏହି ବୃଦ୍ଧି ସମସ୍ତ ଆଶା ଅତିକ୍ରମ କରିଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ମାସରେ

ଭାରତର ମୋଟ୍ ଘରୋଇ ଉତ୍ପାଦ ଜି.ଡି.ପି ୭ ଦଶମିକ ୮ ପ୍ରତିଶତ ବୃଦ୍ଧିପାଇବା ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଫେସର ଯଶବୀର ତ୍ୟାଗୀ କହିଛନ୍ତି ଭାରତୀୟ ଅର୍ଥନୀତି ଦ୍ୱାରା ଦର୍ଶାଯାଇଥିବା ପ୍ରଦର୍ଶନ ଆଶାଠାରୁ ଅଧିକ ଅତିକ୍ରମ କରିଛି । ସେ କହିଛନ୍ତି ପୂର୍ବ ଆକଳନ ଅପେକ୍ଷା ୭ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧି ଏକ ସକରାତ୍ମକ ସଙ୍କେତ ।

ରାଜକୋଟର ସୌରାଷ୍ଟ୍ର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ସୁରେଶ ଜି ପାରାଦ କହିଛନ୍ତି ଭଲ ମୌସୁମୀ ଯୋଗୁଁ ଜିଡିପି ଅଭିବୃଦ୍ଧି ବୃଦ୍ଧି ପାଇଛି ଏବଂ କୃଷି ଉତ୍ପାଦନ ମଧ୍ୟ ପୂର୍ବାପେକ୍ଷା ବୃଦ୍ଧି ଘଟିଛି । କ୍ରିସିଲ ରିପୋର୍ଟ ଅନୁଯାୟୀ ଆମେରିକାର ଅତିରିକ୍ତ ଶୁଳ୍କ ଲାଗୁ ଏବଂ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଭାରତର ମୋଟ୍ ଘରୋଇ ଉତ୍ପାଦ ଚଳିତ ଆର୍ଥିକ ବର୍ଷରେ ୬ ଦଶମିକ ୫ ପ୍ରତିଶତ ବୃଦ୍ଧି ପାଇବା ଆକଳନ କରାଯାଇଥିଲା । ଗତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୭ ଦଶମିକ ୪ ପ୍ରତିଶତ ରହିଥିଲା ।

## ସ୍ପୋର୍ଟ୍ସ କନ୍‌କ୍ଲେଭ-ମାଣ୍ଡବୀୟ

କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରଥମ କ୍ରୀଡ଼ା ସାମଗ୍ରୀ ସମାବେଶରେ ଅଧ୍ୟକ୍ଷତା କରିଛନ୍ତି । ଏହି ଅବସରରେ ଡକ୍ଟର ମାଣ୍ଡବୀୟ କ୍ରୀଡ଼ା ସାମଗ୍ରୀ ଉତ୍ପାଦନ ନୀତି ପ୍ରସ୍ତୁତ କରିବା ପାଇଁ ଏକ ଟାସ୍କ ଫୋର୍ସ ଗଠନ ନେଇ ଘୋଷଣା କରିଥିବା ଜଣାପଡିଛି । ସମାବେଶକୁ ସମ୍ବୋଧିତ କରି ସେ କହିଛନ୍ତି ଜାତୀୟ ଅଭିବୃଦ୍ଧି ଏଜେଣ୍ଡା ସହିତ କ୍ରୀଡ଼ା ସାମଗ୍ରୀ ଉତ୍ପାଦନକୁ ସମନ୍ୱିତ କରାଯିବ ।

୨୦୩୬ସୁଦ୍ଧା କ୍ରୀଡ଼ା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱର ୨୫ ପ୍ରତିଶତ ଲକ୍ଷ୍ୟ ହାସଲ କରିବା ବୋଲି ସେ କହିଛନ୍ତି । ଆୟୋଜିତ ସମାବେଶରେ ନୀତି ଆୟୋଗ, ବାଣିଜ୍ୟ ମନ୍ତ୍ରଣାଳୟ ଏବଂ ପ୍ରମୁଖ କ୍ରୀଡ଼ା ଶିଳ୍ପ ଅଂଶୀଦାରମାନେ ଯୋଗ ଦେଇଥିଲେ ।

## ୟୁକ୍ରେନ୍ ସ୍ପିକର କ୍ରେଡିଟ

ୟୁକ୍ରେନ୍‌ରେ ଗତକାଲି ଲିଭ୍‌ର ପଶ୍ଚିମାଞ୍ଚଳରେ ପୂର୍ବତନ ବାଚସ୍ପତି ଆଣ୍ଡ୍ରି ପାରୁବିଙ୍କୁ ଗୁଳିକରି ହତ୍ୟା କରାଯାଇଛି । ସେଠାକାର ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜଣେ ବନ୍ଧୁକଧାରୀ ପାରୁବିଙ୍କ ଉପରେ ଗୁଳି ଚଳାଇବା ପରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ସମ୍ପୃକ୍ତ ବନ୍ଧୁକଧାରୀଙ୍କୁ ଠାବ କରିବା ଲାଗି ସାଇରେନ୍ ନାମକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି ଏହି ହତ୍ୟାକୁ ଭୟଙ୍କର ବୋଲି କହିଛନ୍ତି । ସୂଚନାଯୋଗ୍ୟ ଶ୍ରୀ ପାରୁବି ୟୁକ୍ରେନ୍‌ର ୟୁରୋପୀୟ ସଂଘ ସହ ଘନିଷ୍ଠ ସମ୍ପର୍କକୁ ସମର୍ଥନ କରୁଥିଲେ । ସେ ଗତ ଫେବୃୟାରୀରୁ ଅଗଷ୍ଟ ପର୍ଯ୍ୟନ୍ତ ୟୁକ୍ରେନ୍‌ର ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ପରିଷଦର ସଚିବ ଭାବେ କାର୍ଯ୍ୟ କରିଥିଲେ ।

## ହାଉଥିଜ୍-ପିଏମ୍ କିଲ୍‌ଡ

ୟେମେନ୍‌ର ହୁତିଗୋଷ୍ଠୀ କହିଛି ଯେ ହୁତି ସମର୍ଥକ ସରକାରଙ୍କ ପ୍ରଧାନମନ୍ତ୍ରୀ ଅହମ୍ମଦ ଅଲ୍ ରାହାୱି ଏବଂ ଅନେକ ମନ୍ତ୍ରୀ ଚଳିତ ସପ୍ତାହର ପ୍ରାରମ୍ଭରେ ରାଜଧାନୀ ସାନାରେ ଇସ୍ରାଏଲୀ ବିମାନ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ଏକ ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା ଚାଲିଥିବାବେଳେ ଏଭଳି

ଘଟିଥିବା ହୁତିଗୋଷ୍ଠୀ କହିଛି । ଏହି ଆକ୍ରମଣରେ ଅନେକ ମନ୍ତ୍ରୀ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା କୁହାଯାଇଛି । ହୁତି ଗୋଷ୍ଠୀ ପକ୍ଷରୁ କୁହାଯାଇଛି ସରକାରୀ କାର୍ଯ୍ୟ ଜାରି ରହିବ ଏବଂ ଇସ୍ରାଏଲ ବିରୋଧରେ ପ୍ରତିଶୋଧ ନିଆଯିବ । ତେବେ ରାହାୱିଙ୍କ ମୃତ୍ୟୁ ରିପୋର୍ଟ ସତ୍ତ୍ୱେ ଗୁରୁବାର ଦିନ ପ୍ରଥମେ ଏହି ସୂଚନାକୁ ହୁତି ଗୋଷ୍ଠୀ ଅସ୍ୱୀକାର କରିଥିଲା । ଇସ୍ରାଏଲର ଯୁଦ୍ଧବିମାନ ଦକ୍ଷିଣ ସାନାରେ ଏକ କୋଠାରେ ୧୦ଟି ବିମାନ ଆକ୍ରମଣ କରିଥିଲା । ସେହି କୋଠାରେ ଏକ ସରକାରୀ ବୈଠକ ଚାଲିଥିଲା ବୋଲି ଜଣାପଡିଛି । ଗାଜା ଯୁଦ୍ଧ ସମୟରେ ପାଲେଷ୍ଟାଇନ୍ ମାନଙ୍କୁ ସମର୍ଥନ କରି ୨୦୨୩ ନଭେମ୍ବରରେ ଇସ୍ରାଏଲ ବିରୋଧରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ଆରମ୍ଭ କରିବା ପରଠାରୁ ହୁତିମାନଙ୍କ ଉପରେ ଏହା ସବୁଠାରୁ ବଡ ଆକ୍ରମଣ ବୋଲି କୁହାଯାଉଛି । ୨୦୧୪ ମସିହାରେ ହୁତିମାନେ ସାନାକୁ ନିଜ ଅକ୍ତିଆରକୁ ନେଇଥିଲେ ।

## ସୁଟିଂ-ଏସିଆନ୍ ଚାମ୍ପିୟନସିପ୍

କାଜାକସ୍ଥାନର ସିମକେଣ୍ଟରେ ଅନୁଷ୍ଠିତ ଷୋଡଶ ଏସୀୟ ସୁଟିଂ ଚମ୍ପିଆନସିପ୍‌ରେ ଭାରତ ୫୦ଟି ସ୍ୱର୍ଣ୍ଣପଦକ ସହ ଐତିହାସିକ ସଫଳତା ହାସଲ କରିଛି । ଚମ୍ପିଆନ୍‌ସିପ୍‌ର ଇତିହାସରେ ପ୍ରଥମଥର ପାଇଁ ଭାରତ ତାଲିକାର ଶୀର୍ଷରେ ରହିଛି । ଭାରତର ମୋଟ୍ ପଦକ ସଂଖ୍ୟା ୯୯ରେ ପହଞ୍ଚିଛି, ଯେଉଁଥିରେ ୨୬ଟି ରୌପ୍ୟ ଏବଂ ୨୩ଟି କାଂସ୍ୟ ପଦକ ସାମିଲ ଅଛି । ଆୟୋଜକ କାଜାକସ୍ଥାନ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଚୀନ୍ ପଦକ ତାଲିକାର ତୃତୀୟ ସ୍ଥାନରେ ରହିଛି । ଗତକାଲି ଶେଷ ଦିନରେ ଭାରତର ଅଙ୍କୁର ମିତଲ ବିଶ୍ୱରେକର୍ଡ ଭାଙ୍ଗିବା ସହ ପୁରୁଷ ଡବଲ ଟ୍ରାକ୍ ଇଭେଣ୍ଟରେ

ସ୍ୱର୍ଣ୍ଣପଦକ ଜିତିଛନ୍ତି । ନିରୁଧଣ୍ଡା ମହିଳା ଟ୍ରାକ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଭାରତୀୟ ସିନିୟର ସୁଟିଂ ଦଳରେ ୧୫ଟି ଇଭେଣ୍ଟରେ ୩୫ଜଣ ସଦସ୍ୟ ଭାଗ ନେଇଥିଲେ । ଜୁନିୟର ଇଭେଣ୍ଟରେ ୧୨୯ଜଣ ଭାରତୀୟ ସୁଟର ଭାଗ ନେଇଥିଲେ ।

## ଏଫ୍‌ଆଇଏଚ୍ ମେନ୍‌ସ ଜୁନିୟର ୱାର୍ଲ୍ଡକପ୍

ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧୦ତାରିଖ ପର୍ଯ୍ୟନ୍ତ ଚେନ୍ନାଇରେ ଅନୁଷ୍ଠିତ ହେବାକୁ ଥିବା ଏଫ୍‌ଆଇଏଚ୍ ପୁରୁଷ ହକି ଜୁନିୟର ବିଶ୍ୱକପ୍ ପ୍ରତିଯୋଗିତାରେ ପାକିସ୍ତାନ ସାମିଲ ହେବ । ହକି ଇଣ୍ଡିଆର ମହାସଚିବ ଭୋଲାନାଥ ସିଂହ ଏହି ଘୋଷଣା କରିଛନ୍ତି । ଆନ୍ତର୍ଜାତିକ ହକି ମହାସଂଘର ଆମନ୍ତ୍ରଣ କ୍ରମେ ନ୍ୟୁଜିଲାଣ୍ଡ ବଦଳରେ ପାକିସ୍ତାନ ଏହି ପ୍ରତିଯୋଗିତାରେ ଭାଗନେବ । ପାକିସ୍ତାନକୁ ପୂର୍ବରୁ ପରାସ୍ତ କରି ନ୍ୟୁଜିଲାଣ୍ଡ ଏଫ୍‌ଆଇଏଚ୍ ହକିରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଓହରି ଯାଇଥିଲା । ଏହି ପ୍ରତିଯୋଗିତାରେ ପାକିସ୍ତାନ ସମେତ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲଜିୟମ, ଇଂଲଣ୍ଡ, ଜର୍ମାନ, ଭାରତ, ସ୍ପେନ୍ ଏବଂ ନେଦରଲ୍ୟାଣ୍ଡ ଭାଗନେବେ ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ମଳୟ ରଞ୍ଜନ ମିଶ୍ର ।